## ସଂକ୍ଷେପରେ

### ସରପଞ୍ଚ ଉପନିର୍ବାଚନ ଆଜି

ବଅଁରପାଳ,୧୦।୨(ଡି.ଏନ.ଏ.): ବଅଁରପାଳ ବ୍ଲକ ବେଣାଗାଡ଼ିଆ ପଞ୍ଚାୟତରେ ଗୁରୁବାର ସରପଞ୍ଚ ପଦବୀ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହେବ। ବେଣାଗାଡ଼ିଆ, ବେଡାସର ଓ ମଝିକା ଗ୍ରାମର ଭୋଟରମାନେ କରାଯାଇଥିବା ବିଭିନ୍ନ ବୁଥ୍‌ରେ ମତଦାନ କରିବେ। ଏଠାରେ ସରପଞ୍ଚ ପଦବୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବାବେଳେ ପ୍ରାର୍ଥୀଭାବେ ଚନ୍ଦ୍ର ସିଂସାମନ୍ତ, ଜ୍ୟୋତି ରଞ୍ଜନ ନାଏକ, ନିଗମାନନ୍ଦ ବେହେରା ଓ ସନ୍ତୋଷ କୁମାର ନାଏକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବୁଥ୍‌ଗୁଡ଼ିକରେ ପୋଲିଂ ଅଫିସର ଓ ପୋଲିସ କର୍ମଚାରୀ ପହଞ୍ଚି ସାରିଥିବାବେଳେ ପୂର୍ବାହ୍ନ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ କରାଯିବ। ୧୨ ତାରିଖ ସକାଳେ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ।

### ବିନୋଦ କୁମାର ବ୍ଲକ କଂଗ୍ରେସ ସଭାପତି



ବଅଁରପାଳ,୧୦।୨(ଡି.ଏନ.ଏ.): ଅନୁଗୋଳ ଜିଲା ବଅଁରପାଳ ବ୍ଲକ କଂଗ୍ରେସ ସଭାପତି ଭାବେ ବିନୋଦ କୁମାର ମାଝି ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବିନୋଦ କୁମାର ମାଝିଙ୍କ ଉପରେ ଆସ୍ଥା ପ୍ରକଟ କରି ବଅଁରପାଳ ବ୍ଲକ କଂଗ୍ରେସ ଦାୟିତ୍ୱ ଅର୍ପଣ କରାଯାଇଛି। ଆଗାମୀ ଦିନରେ ତୃଣମୂଳସ୍ତରରୁ ଦଳର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରାଯିବ ବୋଲି ନୂତନ ସଭାପତି ମାଝି ପ୍ରକାଶ କରିଛନ୍ତି। ଏଥିପାଇଁ ସେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା, ପିସିସି ସଭାପତି ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଛେଣ୍ଡିପଦା,୧୦।୨(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ପାତ୍ରପଡା ପଞ୍ଚାୟତ ପିପଲବାହଲ ଗ୍ରାମ ନିକଟରେ ବୁଧବାର ଭାଲୁ ଆକ୍ରମଣରେ ଶରତ ନାଏକ ଗୁରୁତର ହୋଇଛନ୍ତି। ଶରତ ଗାଈ ଚରାଇବା ପାଇଁ ଗ୍ରମ ନିକଟସ୍ଥ ବିଲ ଆଡକୁ ଯାଇଥିଲା ବେଳେ ଦୁଇଟି ଭାଲୁ ହାବୁଡ଼ରେ ପଡ଼ିଥିଲେ। ଚିତ୍କାର ଶୁଣି ଲୋକମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ବନ ବିଭାଗ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ୨ଶହ ବର୍ଷ ପରେ ବେଲାଦୁଲାରେ ଛାତଘର

**ଜୟଗୋପାଳ ଷଡ଼ଙ୍ଗୀ**
**ଆଠମଲ୍ଲିକ,୧୦।୨**



ବେଲାଦୁଲା ଗାଁ କୋଠଘରର ଛାତ ପକାଯାଉଛି।

ଗାଁରେ କୋଠାଘର ନିର୍ମାଣ ହେଉଥିଲେ ମଧ୍ୟ ଛାତ ପଡୁ ନ ଥିଲା। ମା' ରକ୍ତମାଉଳୀଙ୍କ କୋପର ଶିକାର ହେବା ଭୟରେ କିଏ ଟାଇଲ ଛପର କରୁଥିଲେ ତ ଆଉ କିଏ ଆଜବେଷ୍ଟସ ପକାଇ ପୂର୍ବ ପରମ୍ପରା, ଅନ୍ଧବିଶ୍ୱାସକୁ ଆହୁରି ଆଗକୁ ନେଉଥିଲେ। ଫଳରେ ସ୍ୱଚ୍ଛ ଭାରତଠାରୁ ଆବାସ ଯାଏ କୌଣସି ଯୋଜନାର ସୁଫଳ ଏଠି ମିଳୁ ନ ଥିଲା। ହେଲେ ଉପଖଣ୍ଡ ଓ ବ୍ଲକ ପ୍ରଶାସନର ଅବିରତ ଉଦ୍ୟମ ପରେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ବେଲାଦୁଲା ଗାଁରେ ବୁଧବାର ପ୍ରଥମ କରି କୋଠାଘରେ ଛାତ ପକାଯାଇଛି। ୨ଶହ ବର୍ଷର ରୋଗ, ଦୁଃଖ ଓ ମୃତ୍ୟୁ ଭୋଗିବା ଭୟକୁ ମନରୁ ଦୂର କରି ଅନେକ ପରିବାର ଆତ୍ମବିଶ୍ୱାସର ସହ ଆଗେଇ ଆସି ଗାଁ କୋଠଘର ଛାତ ପକା କାର୍ଯ୍ୟରେ ସାମିଲ ହୋଇଛନ୍ତି। ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ହରିବୋଲ, ହୁଳହୁଳିରେ ଗାଁର ପ୍ରଥମ ଛାତ ଘର ନିର୍ମାଣ ହୋଇଥିବାରୁ ବ୍ଲକ ପ୍ରଶାସନକୁ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବେଲାଦୁଲା ଓ ଫକୀରପୁରକୁ ରକ୍ତମାଉଳୀ ମାଟିର ଗାଁ ବୋଲି କୁହାଯାଉଛି। ମା' ରକ୍ତମାଉଳୀଙ୍କୁ ଛାତ ଘରେ ପୂଜା କରାଯାଉ ନାହିଁ। ତେଣୁ ଛାତ ଘର ମା'ଙ୍କ ପସନ୍ଦ ନୁହେଁ ଓ କେହି ଏହାକୁ ଅମାନ୍ୟ କଲେ ରୋଗ, ଦୁଃଖ ସହ ମୃତ୍ୟୁର ଭୟ ମାଡ଼ି ଆସିବ ବୋଲି ପୂର୍ବରୁ ବିଶ୍ୱାସ ରହିଆସିଥିଲା। ଅତୀତର ଅନେକ ଅଘଟଣକୁ ଲୋକେ ଏହି ବିଶ୍ୱାସ ସହ ଯୋଡ଼ିଥିବାରୁ କୋଠାଘରେ ଛାତ ପକା ନ ଯିବା ଏଠାକାର ପରମ୍ପରାରେ ପରିଣତ ହୋଇଯାଇଥିଲା। ଏହି କାରଣରୁ ଗାଁର ସ୍କୁଲ, ଅଙ୍ଗନୱାଡି, କୋଠଘର ଆଦିରେ ଛାତ ପକାଯାଉ ନ ଥିଲା। ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଏପରି କି ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ଉପରେ ମଧ୍ୟ ଛାତ ପଡୁ ନ ଥିଲା। ଲୋକଙ୍କ ମନରୁ ସେହି ଅନ୍ଧବିଶ୍ୱାସ ଦୂର କରିବାକୁ ଏକ ବର୍ଷ ହେଲା ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଥିଲା। ବାରମ୍ବାର ଗାଁରେ ବୈଠକ କରାଯାଇ ବୁଝାଯାଉଥିଲା। କିଛି ଲୋକ ମନରୁ ଭୟ ଦୂର କରି ଛାତ ପକାଇବାକୁ ପ୍ରସ୍ତୁତ ଥିବା କହିବା ପରେ ପ୍ରଥମେ ଗାଁ କୋଠଘରର ଛାତ ପକାଯାଇଥିଲା। ବହୁ ସଂଖ୍ୟାରେ ମହିଳା ପୁରୁଷ ଏଥିରେ ସହଯୋଗ କରିଥିଲେ। କେତେଜଣ ଖଳ ପ୍ରକୃତିର ଲୋକ ଭୟ ଖେଳାଇବାକୁ ମଙ୍ଗଳବାର ରାତିରେ ବିଦ୍ୟୁତ୍ କାଟି ଗ୍ରାମରେ ଥିବା ଜଗନ୍ନାଥଙ୍କୁ ଚୋରାଇ ନେଇଥିଲେ। ହେଲେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡ଼ି ନ ଥିଲା। ବାବା ନିରଞ୍ଜନ ଦାସ କୋଠଘର ଛାତରେ ପ୍ରଥମେ ସିମେଣ୍ଟ ଢାଳିବା ବେଳେ ହରିବୋଲ, ହୁଳହୁଳି ପକାଇ ଲୋକେ ଏହାକୁ ସ୍ୱାଗତ କରିଥିଲେ।

- **ପରମ୍ପରା, ଅନ୍ଧବିଶ୍ୱାସକୁ ପଛରେ ପକାଇଲେ ଲୋକେ**
- **ଦୂର ହେଲା ମା'ଙ୍କ କୋପ ଭୟ, ହୁଳହୁଳିରେ କମ୍ପିଲା ଗାଁ**
- **ବ୍ଲକ ପ୍ରଶାସନର ଉଦ୍ୟମକୁ ସବୁଆଡ଼ୁ ଉଚ୍ଚ ପ୍ରଶଂସା**

#### ଗ୍ରାମବାସୀଙ୍କ ସହଯୋଗରୁ ସମ୍ଭବ



"ଗ୍ରାମବାସୀଙ୍କ ସହଯୋଗରୁ ପ୍ରଥମ କରି କୌଣସି କୋଠାଘରେ ଛାତ ପକାଇବା ସମ୍ଭବ ହୋଇଛି। ଏଣିକି ଗ୍ରାମବାସୀ ନିଜ ନିଜ ଘରେ ଛାତ ପକାଇ ପାରିବେ। ଗାଁର ୨୭ ପରିବାରକୁ ବ୍ଲକ ପକ୍ଷରୁ ଇନ୍ଦିରା ଆବାସ ଯୋଗାଇ ଦିଆଯାଇଛି। ଏହି ସମସ୍ତ ବ୍ୟକ୍ତି ଘର ନିର୍ମାଣ କରିବା ସହ ଛାତ ପକାଇବେ।

-ସଞ୍ଜୟ କୁମାର ଆଚାର୍ଯ୍ୟ, ବିଡିଓ, ଆଠମଲ୍ଲିକ

#### ଉଦ୍ୟମ ସଫଳ ହେଲା



"ଦୀର୍ଘବର୍ଷର ପରମ୍ପରା ଭାଙ୍ଗି କୋଠାଘରେ ଛାତ ପକାଇବାକୁ ସଭାରେ ଲୋକଙ୍କୁ ବୁଝାଯାଇଥିଲା। କିନ୍ତୁ ଅନେକେ ପୂର୍ବ ଅନ୍ଧବିଶ୍ୱାସରୁ ବାହାରିବାକୁ ଚାହିଁ ନ ଥିଲେ। ତେଣୁ ଯେତିକି ଲୋକ ରାଜି ହେଲେ ସେମାନଙ୍କୁ ନେଇ କାମ କରିବାକୁ ପଡ଼ିଲା। ଉଦ୍ୟମ ସଫଳ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ।

-ସୁଦାମ ମେହେର, ଗ୍ରାମ ସମ୍ପାଦକ

#### ଅନ୍ଧବିଶ୍ୱାସକୁ ନେଇ ଭୟ ଥିଲା



"ଲୋକଙ୍କ ମନରେ ଅନ୍ଧବିଶ୍ୱାସ ସମ୍ପୂର୍ଣ୍ଣ ବସା ବାନ୍ଧିସାରିଥିଲା। ଛାତ ଘର ନିର୍ମାଣ ହେଲେ କେହି ମରିଯିବେ ବୋଲି ଭାବିବା ସହ ଭୟଭୀତ ଥିଲେ। ଫଳରେ ସରକାରୀ ଯୋଜନାରେ ଛାତ ଘର ହୋଇପାରୁ ନ ଥିଲା। ବିଡିଓଙ୍କ ବହୁ ଉଦ୍ୟମ ପରେ କିଛି ଲୋକଙ୍କ ମନରୁ ଭୟ ଦୂର ହୋଇପାରିଛି।

-ଗୁଣନିଧି ମେହେର, ଗ୍ରାମବାସୀ

#### ୭୦ ପରିବାର ଆଗେଇ ଆସିଛନ୍ତି



"ଅନେକ ଥର ଗାଁରେ ସଭା କରାଯାଇଥିଲା। ମୋଟ୍ ୧୮୦ ପରିବାର ମଧ୍ୟରୁ ମାତ୍ର ୭୦ ପରିବାର ସହମତି ପ୍ରକାଶ କରିଥିଲେ। ଅନ୍ୟମାନେ ଏବେ ରାଜି ହୋଇ ନ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନେ ପୂର୍ବ ପରମ୍ପରା ଭାଙ୍ଗିବାକୁ ନିଶ୍ଚିତ ଆଗ୍ରହ ଦେଖାଇବେ। ଅନ୍ଧବିଶ୍ୱାସ ଦୂର କରିବାରେ ସଫଳତା ମିଳିଥିବାରୁ ଖୁସି ଲାଗୁଛି।

-ପ୍ରତାପ ମେହେର, ସାମାଜିକକର୍ମୀ

## 'ପାଠ୍ୟକ୍ରମରେ ରହୁ ପବିତ୍ର ମୋହନଙ୍କ ଜୀବନୀ'

**ଅନୁଗୋଳ ଅଫିସ/କଣିହାଁ, ୧୦।୨**

ତାଳଚେର ଗଡ଼ଜାତ ଆନ୍ଦୋଳନର ପ୍ରମୁଖ ନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ନାଲ୍‌କୋସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଉତ୍କଳ ସମ୍ମିଳନୀ ଓ ପବିତ୍ରମୋହନ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ ଅନୁଗୋଳ ଶାଖା ସମ୍ପାଦକ ଧନେଶ୍ୱର ସାହୁ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଶତ୍ରୁଘ୍ନ ବହେରାଙ୍କ ସହ ଶଶୀକାନ୍ତ ଖୁଣ୍ଟିଆ, ଉଦୟନାଥ ସାହୁ, ସିଦ୍ଧନାଥ ସାହୁ ପ୍ରମୁଖ ଯୋଗଦେଇ ପବିତ୍ରମୋହନଙ୍କ ଜୀବନାଦର୍ଶୀ ବିଦ୍ୟାଳୟ ଓ କଲେଜ ପାଠ୍ୟକ୍ରମରେ ରହିବା ଉଚିତ୍ ବୋଲି କହିଥିଲେ। ଉଷାରାଣୀ ପ୍ରଧାନ, ବିଜୟ କୁମାର ସାହୁ, ନାରାୟଣ ଦାସ, ଅଶୋକ ପ୍ରଧାନ, ଅବନୀକାନ୍ତ ମହାପାତ୍ର, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାଲଲହଡା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଜୟନ୍ତୀ ଉତ୍ସବ ତାଙ୍କ ଜନ୍ମଭୂମି ପୋଇପାଳ ଓ କର୍ମଭୂମି ପବିତ୍ର ନଗରରେ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଅନ୍ୟତମ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ସରପଞ୍ଚ ପୁଷ୍ପଲତା ପ୍ରଧାନ, ମଣ୍ଡଳ ସଭପତି ପ୍ରହ୍ଲାଦ ସାମଲ, ଜିଲା କମିଟି ସଦସ୍ୟ ବିନୟ ପ୍ରଧାନ, ସୁମନ୍ତ ପ୍ରଧାନ, ପବିତ୍ର ବେହେରା, ରାମେଶ ପ୍ରଧାନ, ଟୁନା ସାହୁ, ହରେକୃଷ୍ଣ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାବଲମ୍ବୀ ହେବେ କିନ୍ନର



କିନ୍ନରମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୧୦।୨**

କିନ୍ନରମାନଙ୍କୁ ଜୀବିକା ଯୋଗାଇ ଦେବାକୁ ସେମାନଙ୍କ ମଧ୍ୟରେ ଦକ୍ଷତା ସୃଷ୍ଟି କରାଯିବ। ସ୍ୱାବଲମ୍ବୀ ହୋଇ ସେମାନେ ସମାଜରେ କିପରି ସମ୍ମାନର ଅଧିକାରୀ ହୋଇପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ଯୋଜନା। ଏହା ପ୍ରଥମ କରି ଅନୁଗୋଳରେ ଆରମ୍ଭ ହେବ। ଏଥିପାଇଁ ଅନୁଗୋଳ ପୌରପାଳିକା ଅନୁକୂଲ୍ୟରେ ବୁଧବାର କିନ୍ନରମାନଙ୍କୁ ନେଇ ମାଇକ୍ରୋ ଏଣ୍ଟରପ୍ରାଇଜ୍ ଇନ୍ ସାନିଟେଶନ୍ ପୋଗ୍ରାମ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ୪ ଦିନିଆ ଶିବିରକୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ଗିରିଜାଶଙ୍କର ମଲ୍ଲିକ ଓ ବ୍ରଜ କିଶୋର ନାୟକ ଉଦ୍‌ଘାଟନ କରିଥିଲେ। ୟୁନିସେଫ୍ ଓ ଅନୁଗୋଳ ପୌରପାଳିକା ମିଳିତ ଉଦ୍ୟମରେ କିନ୍ନରମାନଙ୍କୁ ସ୍ୱାବଲମ୍ବୀ କରାଯିବ। ଏ ନେଇ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି, ଏହା ରାଜ୍ୟରେ ପ୍ରଥମ ଘଟଣା ହେବ। କିନ୍ନରମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଏପରି କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ କରାଯାଇଛି।

## ଘର ଭାଙ୍ଗିଲା ହାତୀ

**କଣିହାଁ,୧୦।୨(ଡି.ଏନ.ଏ.)**

ତାଳଚେର ବନାଞ୍ଚଳ ଶିପୁର ସେକ୍ସନ କର୍ଣ୍ଣପାଳ ଗ୍ରାମରେ ବୁଧବାର ଏକ ଦନ୍ତାହାତୀ ପଶି ଦିବାକର ସାହୁଙ୍କ ଘରର ଆଜବେଷ୍ଟସ ଭାଙ୍ଗିଦେଇଛି। ଏଥିସହିତ ତାଙ୍କ ବାଡ଼ିରେ ଥିବା ନଡ଼ିଆ ଓ କଦଳୀ ଗଛ ନଷ୍ଟ କରିଛି। ପ୍ରାୟ ସପ୍ତାହେ ହେବ ହାତୀପଲ ଗାଁ ଛାଡୁ ନାହାନ୍ତି। ଏ ନେଇ ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ କର୍ମଚାରୀମାନେ ଘଉଡ଼ାଇବାରେ ସଫଳ ହୋଇପାରୁ ନାହାନ୍ତି। ବିଭାଗ ପକ୍ଷରୁ କ୍ଷତିପୂରଣ ବ୍ୟବସ୍ଥା ଥିଲେ ମଧ୍ୟ ତାହା କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିପାରୁ ନ ଥିବା ଅଭିଯୋଗ ହେଉଛି। ଅତୀତରେ ଅନେକ କ୍ଷତି ସହିଥିବା ଦିବାକର ସାହୁ ଦରଖାସ୍ତ କରି ବି ଏଯାଏ କ୍ଷତିପୂରଣ ପାଇ ନ ଥିବା କହିଛନ୍ତି। ଏ ନେଇ ଶିପୁର ଫରେଷ୍ଟର ବାମନ ଚନ୍ଦ୍ର ରାଉତ କହିଛନ୍ତି, ଖମାର ରେଞ୍ଜ ଅଞ୍ଚଳରେ ଥିବା ହାତୀପଲ ଛୁଆ ପାଇଁ ଅନ୍ୟଆଡ଼େ ଯାଉନାହାନ୍ତି। ଗାଁ ଆଡ଼କୁ ଆସିଲେ ତାହା ଉପରେ ସତର୍କ ନଜର ରଖାଯାଇଛି। ଅନେକ କ୍ଷତିଗ୍ରସ୍ତ ସେମାନଙ୍କ ଆକାଉଣ୍ଟ ଚେକ୍ କରୁନାହାନ୍ତି। ଯେଉଁମାନେ ଯଦି କ୍ଷତିପୂରଣ ରାଶି ପାଇନାହାନ୍ତି ସେମାନେ ଅଭିଯୋଗ କଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ।

## ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ବଇଣ୍ଡା,୧୦।୨(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ସୋମବାର ଶିଳ୍ପଦ୍ୟୋଗୀ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିଳ୍ପ ବିକାଶ କେନ୍ଦ୍ର ଏବଂ ଆଇଏମ୍‌ଏମ୍‌ଏସ୍ ଭୁବନେଶ୍ୱର ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ ପଣ୍ଡା ଯୋଗଦେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ଅଧିକରୁ ଅଧିକ ଯୁବତୀ ଯୁବକ ନିଜେ ସ୍ୱାବଲମ୍ବୀ ହେବାକୁ ଆଗ୍ରହ ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ଗଗନ ବିହାରୀ ନାୟକ, ବଇଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୁରେନ୍ଦ୍ର କୁମାର ମିଶ୍ର, ନୁନୁକାପଶି ସରପଞ୍ଚ ଜଳଧର ସାହୁ ଯୋଗଦେଇ ତାଲିମ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପରାମର୍ଶ ମାନ ଦେଇଥିଲେ। ଏହି ଶିବିରରେ ମୋଟ୍ ୩୦ ଜଣ ଶିଳ୍ପଦ୍ୟୋଗୀ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

### ଋଣ ପାଇଁ ଚାଷୀଙ୍କ ଅନଶନ



ବ୍ୟାଙ୍କ ସମ୍ମୁଖରେ ଚାଷୀ ଅଜୟ ସାହୁ ଅନଶନରେ ବସିଛନ୍ତି।

ଛେଣ୍ଡିପଦା,୧୦।୨(ସ୍ୱ.ପ୍ର.)- ବ୍ୟାଙ୍କରୁ ଋଣ ନ ପାଇ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସାମଲ ମଳିହା ଗ୍ରାମର ଅଜୟ ସାହୁ ବ୍ୟାଙ୍କ ସମ୍ମୁଖରେ ବୁଧବାର ଅନଶନରେ ବସିଛନ୍ତି। ସେ ଅଭିଯୋଗ କରିଛନ୍ତି, କୁକୁଡା ଫାର୍ମ କରିବା ପାଇଁ ଖମାରଠାରେ ଥିବା ଏକ ବ୍ୟାଙ୍କ ଶାଖାରେ ୨୫ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ସେ ଧାର କରି ଅଗ୍ରିମ ଭାବେ ୮ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ଦେଇଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଋଣ ମଞ୍ଜୁର ନ କରି ଦୀର୍ଘ ଦେଢବର୍ଷ ହେବ ସମୟ ଗଡ଼ାଇ ଚାଲିଛନ୍ତି। ତେଣୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟରେ ସେ ନିରାଶ ହୋଇ ଅନଶନରେ ବସିଛନ୍ତି। ତୁରନ୍ତ ତାଙ୍କୁ ଋଣ ପ୍ରଦାନ କରା ନ ଗଲେ ସେ ବ୍ୟାଙ୍କ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ମତାମତ ଦେବାକୁ ମନା କରିଦେଇଛନ୍ତି।

## ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ତାଳଚେର,୧୦।୨(ନି.ପ୍ର.)**

ତାଳଚେରସ୍ଥିତ ପବିତ୍ରମୋହନ ଇନଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ ଓ ପବିତ୍ରମୋହନ ଜୟନ୍ତୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗନ୍ନାଥ ଏରିଆ ମୁଖ୍ୟ ମହାପ୍ରବନ୍ଧକ ଅରୁଣ କୁମାର ସ୍ୱର୍ଣ୍ଣକାର ଯୋଗଦେଇ ସମାଜ ଓ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ମହେଶ ସାହୁ ଯୋଗଦେଇ ଶିକ୍ଷା ସହ ବୌଦ୍ଧିକ, ଧାର୍ମିକ, ସୂଚନା ପ୍ରଯୁକ୍ତି ଶିକ୍ଷା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ଦିଗରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧକ୍ଷା ମୃଦୁଳା.ଟି ପ୍ରଧାନ ସ୍ୱର୍ଗତ ପବିତମୋହନ ପ୍ରଧାନଙ୍କ ବଳିଦାନ ଆମ ପାଇଁ ଗର୍ବ ଓ ଗୌରବ ବୋଲି ପ୍ରକାଶ କରିଥିଲେ। ଅଧାପିକା ସସ୍ମିତା ପଣ୍ଡା ସ୍ୱାଗତ ଭାଷଣ ଓ ଅଧାପକ ରାଜେଶ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ.ଦେବେନ୍ଦ୍ର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଉପାଧକ୍ଷ ତୁଷାରକାନ୍ତ ସାହୁ, ସୁଧୀର କୁମାର ମିଶ୍ରଙ୍କ ସମେତ ଅଧାପିକା, ଅଧାପକ, ଅଭିଭାବକ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧାପିକା, ଅଧାପକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ରମାନେ।

# ସମବାୟ ସମିତିରେ ତାଲା ପକାଇଲେ ଚାଷୀ

**ଛେଣ୍ଡିପଦା,୧୦।୨(ସ୍ୱ.ପ୍ର.)**




ଚାଷୀମାନେ ମଣ୍ଡିରେ ଧାନ ଗଦା କରିଛନ୍ତି।

ଛେଣ୍ଡିପଦା ବ୍ଲକ ବାଗଡିଆ ସେବା ସମବାୟ ସମିତି ମୁଖ୍ୟ ଫାଟକରେ ବୁଧବାର ଚାଷୀମାନେ ତାଲା ପକାଇ ଦେଇଛନ୍ତି। ଚାଷୀମାନେ କହିଛନ୍ତି, ସମିତିରେ ୧୦୯ ଜଣ ଚାଷୀ ଧାନ ବିକ୍ରି କରିପାରି ନ ଥିବାବେଳେ ଗତ ୯ ତାରିଖ ଦିନ ୨୮ ଜଣଙ୍କୁ ୬୭୨ କୁଇଣ୍ଟାଲ ବିକ୍ରୟ ପାଇଁ ଟୋକନ ଦିଆଯାଇଥିଲା। କିନ୍ତୁ ସମିତିକୁ ମିଲର ଅଥୋରିଟି ସ୍ଲିପ୍ (ମାସ୍) ମିଳି ନ ଥିବାରୁ ଧାନ କିଣା ବନ୍ଦ ରହିଥିଲା। ଏ ନେଇ ମଙ୍ଗଳବାର ଚାଷୀମାନେ ହୋହଲ୍ଲା କରିବା ପରେ ଅପରାହ୍ନରେ ଧାନ କିଣିବା ପାଇଁ ମାସ୍ ପ୍ରଦାନ କରାଯାଇଥିଲା। ଫଳରେ ୯ ତାରିଖ ଦିନ ଟୋକନ ପାଇଥିବା ଚାଷୀମାନେ ୧୦ ତାରିଖରେ ମଣ୍ଡିକୁ ଧାନବସ୍ତା ଆଣି ଗଦା କରିଥିଲେ। ପରେ ୨୦୪ କୁଇଣ୍ଟାଲ ଓଜନ କରାଯାଇ ଟ୍ରକ୍‌ରେ ଲୋଡ୍ ଚାଲିଥିଲା। ଏହି ସମୟରେ ୧୦ ତାରିଖରେ ଧାନ ବିକ୍ରି ପାଇଁ ମେସେଜ ପାଇଥିବା କେତେଜଣ ଚାଷୀ ଆସି ସମ୍ପାଦକ ସନ୍ତୋଷ କୁମାର ପ୍ରଧାନଙ୍କୁ ଟୋକନ ମାଗିଥିଲେ। କିନ୍ତୁ ଜିଲା ସାଧାରଣ ବଣ୍ଟନ ବିଭାଗ ମାସ୍ ଦେଇ ନ ଥିବାରୁ ଟୋକନ ଏବେ ଦିଆଯାଇ ପାରିବ ନାହିଁ ବୋଲି ସମ୍ପାଦକ ମନା କରିଥିଲେ। ଏ ନେଇ ମଣ୍ଡିରେ ଉତ୍ତେଜନା ଦେଖାଦେଇଥିଲା। ଚାଷୀମାନେ ସମିତିର ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ସମ୍ପାଦକ ଜିଲା ଯୋଗାଣ ଅଧିକାରୀଙ୍କୁ ଚିଠି ଲେଖି ଜଣାଇବା ସହିତ ନିର୍ଦ୍ଦେଶକ୍ରମେ ବାଗଡିଆ ଫାଣ୍ଡିରେ ଅଭିଯୋଗ କରିଥିଲେ। ଖବରପାଇ ତହସିଲଦାର ଡାନିଏଲ୍ ଏକ୍କା ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଧାନ ବିକ୍ରି କରିବା ନିମନ୍ତେ ତୁରନ୍ତ ଅନୁମତି ଦେବା ପାଇଁ ଚାଷୀମାନେ ଅଡ଼ି ବସିବାରୁ ଆଲୋଚନା ବିଫଳ ହୋଇଥିଲା। ଅନୁଗୋଳ ଉପଜିଲାପାଳ ଓ ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି କହି ତହସିଲଦାର ଘଟଣାସ୍ଥଳରୁ ଫେରି ଯାଇଥିଲେ। ଘଟଣାର ସମାଧାନ ହୋଇ ନ ଥିବାବେଳେ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ଆଣିଥିବା ୨୦ ଜଣ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡି ରହିଛି।

- **ଧାନ ବିକ୍ରି ପାଇଁ ଟୋକନ ମିଳିନି**
- **ତହସିଲଦାରଙ୍କ ସହ ଆଲୋଚନା ବିଫଳ**
- **ଖୋଲା ଆକାଶ ତଳେ ଧାନ ସହ ଚାଷୀ**

# ନିଯୁକ୍ତି ବଢ଼ିଲେ ଉନ୍ନତି ହେବ

**ଢେଙ୍କାନାଳ ଅଫିସ, ୧୦।୨**



କର୍ମଶାଳାରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଶିଳ୍ପ ପ୍ରତିଷ୍ଠାନର ପ୍ରତିନିଧିମାନେ।

**ଜିଲାସ୍ତରୀୟ କର୍ମଶାଳାରେ ମତ**
- ଆଲୋଚନାରେ ଭାଗ ନେଲେ କମ୍ପାନୀ, ଉଦ୍ୟୋଗୀ
- ଆର୍ଥିକ ବିକାଶ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ପରାମର୍ଶ

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଏବଂ ବୃହତ୍ ଶିଳ୍ପୋଦ୍ୟୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ଜିଲାର ବୃହତ୍ ଶିଳ୍ପାନୁଷ୍ଠାନ ଏବଂ ଉଦ୍ୟୋଗ ଦକ୍ଷତା ବିକାଶ କ୍ଷେତ୍ରରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଜରୁରୀ। ବେକାର ଯୁବତୀଯୁବକଙ୍କୁ କର୍ମନିଯୋଜନ, ଆର୍ଥିକ ଏବଂ ସାମାଜିକ ଉନ୍ନତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ନିଯୁକ୍ତି ବଢ଼ିଲେ ଜିଲାର ସର୍ବାଙ୍ଗୀନ ବିକାଶ ହୋଇପାରିବ। ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

ଜିଲା ଦକ୍ଷତା ବିକାଶ କମିଟି, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଏମ୍ଏସ୍ଏମ୍ଇ ବିଭାଗ ସହ ନିର୍ଦ୍ଦେଶକ ବି.ସି. ମିଶ୍ର, ଭୁବନେଶ୍ୱରସ୍ଥିତ ଏନ୍‌ସିଏସ୍‌ଡିଏର ସହ ନିର୍ଦ୍ଦେଶକ ରାମକିଶୋର ଶର୍ମା, ସଂକଳ୍ପ ପ୍ରକଳ୍ପର ରାଜ୍ୟ ସଂଯୋଜକ ମନୋଜ କୁମାର ତ୍ରିପାଠୀ, ଓଡ଼ିଶା ପ୍ରାଧିକରଣ ଜିଲା ନୋଡାଲ ଅଧିକାରୀ ରାଜକିଶୋର ପାତ୍ର, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଶିକ୍ଷା ନବିଶ ବିଭାଗ ପରାମର୍ଶଦାତା ବିଜୟ ପ୍ରସାଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗରେ ନିଯୁକ୍ତି, ତାଲିମ, ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗ ଏବଂ ବୃହତ୍ ଶିଳ୍ପାନୁଷ୍ଠାନର ୮ ସମ୍ବଳ ବିଶେଷଜ୍ଞ ଆଲୋଚନାରେ ଅଂଶଗ୍ରହଣ କରି ନିଯୁକ୍ତି ଓ ପ୍ରଶିକ୍ଷଣ ସମ୍ପର୍କିତ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ।

ଟାଟାଷ୍ଟିଲ୍ ବିଏସ୍ଏଲ୍‌ର ମାନବ ସମ୍ବଳ ବିଭାଗ ଡିଜିଏମ୍ ଅଞ୍ଜନ ଦାସ, ଜିଏମ୍ଆର କମଳାଙ୍ଗର ରବି କେ. ରେଡ୍ଡୀ, ଏମ୍‌ଜେଏମ୍ ମିନେରାଲ୍‌ସର ପ୍ରଶାନ୍ତ ରଥ, ରୁଙ୍ଗଟା ମାଇନ୍ସର ଅକ୍ଷୟ ଦାସ, ନବଭାରତ ଭେଞ୍ଚର୍ସ ସିଏସ୍ଆର୍ ମୁଖ୍ୟ ସୁକାନ୍ତ ଉପାଧ୍ୟାୟଙ୍କ ସମେତ ନର୍ଭେରାମ, ଶକ୍ତିସୁଗାର୍ସ, କଳିଙ୍ଗ ଜୁଟ୍, ଖେମକା ଶପିଂ ମଲ୍, କଳିଙ୍ଗ ଚକ୍ଷୁ ଚିକିତ୍ସାଳୟ ଆଦି ୫୪ ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ। ବୃହତ୍ ଶିଳ୍ପ ସଂସ୍ଥାରେ ଅଧିକରୁ ଅଧିକ କର୍ମନିଯୁକ୍ତି ସୃଷ୍ଟି କରାଯିବାକୁ ସହମତି ପ୍ରକାଶ ପାଇଛି। ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ଟାଟା ଷ୍ଟାଇଭର ସୁମିତ କୁମାର ଦାସ, ସରକାରୀ ଆଇଟିଆଇ ପ୍ରଶିକ୍ଷଣ ଅଧିକାରୀ ଅରୁଣ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୌରବ ବଢ଼ାଇଲେ ବିକାଶ

**ଢେଙ୍କାନାଳ ଅଫିସ, ୧୦।୨**

**ବିଜୟ ହଜାରେ ଟ୍ରଫିରେ ସାମିଲ**



ବିକାଶ ରାଉତ।

ବେଙ୍ଗାଲୁରୁରେ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହେଉଛି ବିଜୟ ହଜାରେ ଟ୍ରଫି। ଏଥିଲାଗି ଚୟନ ହୋଇଥିବା ୨୨ ଜଣିଆ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି ଢେଙ୍କାନାଳର ବିକାଶ ରାଉତ। ଆସନ୍ତା ୧୩ ତାରିଖରେ ସେ ବେଙ୍ଗାଲୁରୁ ଯାତ୍ରା କରିବେ। ପୂର୍ବତନ ରଣଜୀ ଖେଳାଳି ରଶ୍ମି ରଞ୍ଜନ ପରିଡ଼ା ତାଙ୍କର କୋଚ୍ ରହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଦଳରେ ଚୟନ ହୋଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। କଠିନ ପରିଶ୍ରମ ସଫଳତା ଆଣିଦେଇଛି। ଏଥିରେ ବେଶ୍ ଖୁସି ଥିବା ବିକାଶ ନିଜର ପ୍ରତିକ୍ରିୟାରେ କହିଛନ୍ତି।

ଢେଙ୍କାନାଳ ଜିଲାର କ୍ରୀଡ଼ା ପ୍ରତିଭା ବିକାଶ ଜଣେ ଏମ୍‌ବିଏ ଛାତ୍ର। ପିଲାଟି ଦିନରୁ କ୍ରିକେଟ ପ୍ରତି ରହିଥିବା ଆକର୍ଷଣ ବୟସ ବଢ଼ିବା ସହିତ ଆହୁରି ତୀବ୍ର ହୋଇଥିଲା। ସେ ଜଣେ ଡାହାଣହାତୀ ଲେଗ୍ ସ୍ପିନର ଏବଂ ମିଡିଲ ଅର୍ଡର ବ୍ୟାଟ୍‌ସମ୍ୟାନ। ଅଲ୍‌ରାଉଣ୍ଡର ଭାବେ ଦଳରେ ସାମିଲ କରାଯାଇଛି।

ବିକାଶ ଢେଙ୍କାନାଳ ଜିଲା ପାଇଁ କଳାହାଣ୍ଡି କପ୍‌ରେ ପ୍ରତିନିଧିତ୍ୱ କରିଥିଲେ। ୨୦୧୧-୧୨ରେ ନିଖିଳ ଭାରତ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨୦୧୨ରେ ୧୯ବର୍ଷରୁ କମ୍ ବର୍ଗରେ ଓଡ଼ିଶା କ୍ରିକେଟ ଏକାଡେମୀ ପାଇଁ ଚୟନ ହୋଇଥିଲେ। ୨୦୧୬ରେ ମହିଶୂରରେ ଅନୁଷ୍ଠିତ କେ. ଥିମ୍ମାପ୍ପିଆ ଟ୍ରଫି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ବିପ୍ଳବ ସାମନ୍ତରାୟଙ୍କ ଅଧିନାୟକତ୍ୱରେ ଯାଇଥିବା ଓଡ଼ିଶା ଦଳରେ ସ୍ଥାନ ମଧ୍ୟ ପାଇଥିଲେ। ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟ ଅରବିନ୍ଦ ନଗରରେ ରହୁଥିବା ଅବସରପ୍ରାପ୍ତ ସାମରିକ କର୍ମଚାରୀ କୈଳାସ ଚନ୍ଦ୍ର ରାଉତ ଏବଂ ସୁଷମା ରାଉତଙ୍କ କନିଷ୍ଠ ପୁତ୍ର ହେଉଛନ୍ତି ବିକାଶ। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଏବଂ ସେନ୍‌ୱାର୍ନଙ୍କୁ ଆଦର୍ଶ ମାନୁଥିବା ବିକାଶଙ୍କ ଏହି ସଫଳତା ଜିଲାର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଖେଳାଇଦେଇଛି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ୱେବିନାର

**ସାତମାଇଲ, ୧୦।୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ 'ସେଟଲମେଣ୍ଟ ଅଫ୍ ଭିଏନା କଂଗ୍ରେସ ଆଣ୍ଡ ଇଟସ୍ କନ୍‌ସିକ୍ୱେନ୍‌ସ ଇନ ୟୁରୋପିଆନ ପଲିଟିକ୍ସ' ଶୀର୍ଷକ ରାଜ୍ୟସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି ବିଭାଗୀୟ ମୁଖ୍ୟ ପ୍ରାଧାପକ ମହେଶ୍ୱର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ଅଧକ୍ଷ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭିଏନା ସମ୍ମିଳନୀରେ ହୋଇଥିବା ଚୁକ୍ତି, ଅନ୍ତର୍ଜାତୀୟସ୍ତରରେ ଏହାର କୂଟନୈତିକ ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା। ବିଭାଗୀୟ ମୁଖ୍ୟ ମହେଶ୍ୱର ପଟ୍ଟନାୟକ, କାମାକ୍ଷାନଗର କଲେଜ ଇତିହାସ ବିଭାଗର ପୂର୍ବତନ ବରିଷ୍ଠ ଅଧାପକ ଡ. ଉପେନ୍ଦ୍ର ପରିଡ଼ାଙ୍କ ସମେତ ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଅଧାପିକାଅଧାପକ ଏଥିରେ ଯୋଡ଼ି ହୋଇଥିଲେ। ଅଧାପିକା ସଂଯୁକ୍ତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ବିତ୍ତୀୟ ସାକ୍ଷରତା କର୍ମଶାଳା

**ଢେଙ୍କାନାଳ ଅଫିସ, ୧୦।୨:** ଢେଙ୍କାନାଳ ଜିଲା ବାଲିବୋ ଗ୍ରାମରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିତ୍ତୀୟ ସାକ୍ଷରତା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରିଜର୍ଭ ବ୍ୟାଙ୍କ ସହାୟକ ମହାପ୍ରବନ୍ଧକ ନିର୍ମଳ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରବନ୍ଧକ ସନ୍ତୋଷ ବେହେରା, ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ବିଶ୍ୱଜିତ୍ ପଟ୍ଟନାୟକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ସନ୍ଦୀପ ରଞ୍ଜନ ଦାସ, ଭୁବନ ଶାଖା ପରିଚାଳକ ଜୟପ୍ରକାଶ ମଲ୍ଲ, ବିତ୍ତୀୟ ବିଭାଗ ପରିଚାଳକ ଶ୍ରୀକାନ୍ତ ସାହୁ, ଆଇଟି ପରିଚାଳକ ଶୁଭେନ୍ଦୁ ବାରିକ ପ୍ରମୁଖ ଉପସ୍ଥିତ ରହି ମହିଳା ଗୋଷ୍ଠୀ ଓ ଚାଷୀଙ୍କୁ ସଞ୍ଚୟର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ବ୍ୟାଙ୍କ ଋଣ ପ୍ରକ୍ରିୟା, ଏହାର ନୀତିନିୟମ, ଋଣ ପରିଶୋଧରେ ରହିଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏକକାଳୀନ ଋଣ ପରିଶୋଧ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନାର ସୁଯୋଗ ନେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

### କିନ୍ନରଙ୍କୁ ସ୍ୱୀକୃତି ତାଲିମ

**ଢେଙ୍କାନାଳ ଅଫିସ, ୧୦।୨:** ଢେଙ୍କାନାଳ ଜିଲାର ସିମିଳିଆ ଏବଂ ସୋଗରପଶି ଗ୍ରାମରେ କିନ୍ନରଙ୍କୁ ନେଇ ଚାଲିଥିବା ଦୁଇଦିନିଆ ସ୍ୱୀକୃତି ତାଲିମ ଶିବିର ବୁଧବାର ଶେଷ ହୋଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା' ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଂଯୋଜକ ବିଭୂତି ଭୂଷଣ ପୃଷ୍ଟି ଯୋଗଦେଇ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ଉପରେ ମତ ରଖିଥିଲେ। ପରାମର୍ଶଦାତା ସସ୍ମିତା ଜେନା କିନ୍ନରଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବଳ କର୍ମୀ ସରୋଜ ଶତପଥୀ ସରକାରଙ୍କ ବିଭିନ୍ନ ଯୋଜନା, ନକାରାତ୍ମକ ଚିନ୍ତାଧାରାରୁ ମୁକ୍ତି, ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଷେତ୍ର କର୍ମଚାରୀ ବିପ୍ରବର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କାର୍ ଧକ୍କାରେ ମୋପେଡ୍ ଚାଳକ ଗୁରୁତର

**ରାସୋଳ, ୧୦।୨(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ରାସୋଳ ହାଇସ୍କୁଲ ନିକଟରେ ବୁଧବାର ଅପରାହ୍ନରେ କାର୍ (ନଂ. ଓଆର୍ ୦୨ ବିଜେଡ୍ ୬୭୭୩) ଧକ୍କାରେ ଜଣେ ମୋପେଡ୍ (ନଂ.ଓଡି ୦୬ ଏଫ୍ ୦୮୪୭) ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବିରିପୁଟ ଗ୍ରାମର ମୁରଲୀ ନାଏକ। ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ସେହି ରାସ୍ତାରେ ଯାଉଥିବା ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର ତାଙ୍କୁ ଉଦ୍ଧାର କରି ରାସୋଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ପରେ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି। ତେଲିଭୂଇଁରୁ ରାସୋଳ ଆଡ଼କୁ ଯାଉଥିବା ଉକ୍ତ କାର୍ ବିପରୀତ ପାର୍ଶ୍ୱରୁ ଆସୁଥିବା ମୁରଲୀଙ୍କୁ ଶକ୍ତ ଧକ୍କା ଦେଇଥିଲା।

# ବଣ୍ଟାଗଲା ବଟିକା

**ଢେଙ୍କାନାଳ ଅଫିସ, ୧୦।୨**

- ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ
- ସଫଳ କରିବାକୁ ଆହ୍ୱାନ ଦେଲେ ଜିଲାପାଳ

ଢେଙ୍କାନାଳ ଜିଲା ଫାଇଲେରିଆ ମୁକ୍ତ କରିବା ଲାଗି ବୁଧବାରଠାରୁ ଆରମ୍ଭ ହୋଇଛି ସାମୂହିକ ବଟିକା ସେବନ କାର୍ଯ୍ୟକ୍ରମ। ଜିଲା କାର୍ଯ୍ୟାଳୟ ପରିସରରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଡିଇସି ଏବଂ ଆଲବେଣ୍ଡାଜୋଲ ବଟିକା ଖାଇ ଏହାର ଶୁଭାରମ୍ଭ କରିଥିଲେ। ବିଧି ଅନୁଯାୟୀ ଖାଦ୍ୟ ଖାଇସାରିବା ପରେ ବଟିକା ସେବନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

୧୯ ତାରିଖ ଯାଏ ଚାଲିବାକୁ ଥିବା ଏହି ଅଭିଯାନରେ ଆଶା, ଅଙ୍ଗନୱାଡି କର୍ମୀ, ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବୁଲି ବଟିକା ବଣ୍ଟନ କରିବେ। ୨ରୁ କମ୍ ବୟସର ଶିଶୁ, ଗର୍ଭବତୀ, ଗୁରୁତର ରୋଗୀଙ୍କୁ ବଟିକା ବାରଣ କରାଯାଇଛି। ଡିଇସି ଓ ଆଲବେଣ୍ଡାଜୋଲର ପାର୍ଶ୍ୱ ପ୍ରତିକ୍ରିୟା ନାହିଁ । ୨ରୁ ୫ବର୍ଷର ଶିଶୁ ଭୋଜନ ପରେ ୧୦୦ ମିଲିଗ୍ରାମର ଗୋଟିଏ ଡିଇସି ଏବଂ ୪୦୦ ମିଲିଗ୍ରାମର ଗୋଟିଏ ଆଲବେଣ୍ଡାଜୋଲ ବଟିକା ଖାଇବେ। ସେହିପରି ୬ରୁ ୧୪ ବର୍ଷ ବୟସର ବାଳିକାବାଳକ ୨ଟି ଡିଇସି, ଗୋଟିଏ ଆଲବେଣ୍ଡାଜୋଲ, ୧୫ ବର୍ଷରୁ ଅଧିକ ବ୍ୟକ୍ତି ୩ଟି ଡିଇସି ଏବଂ ଗୋଟିଏ ଆଲବେଣ୍ଡାଜୋଲ ଖାଇବେ। ଡିଇସି ବଟିକା ଗିଳିକରି ଏବଂ ଆଲବେଣ୍ଡାଜୋଲ ଚୋବାଇ ଖାଇବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. ସୁଜାତାରଣୀ ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲା ମ୍ୟାଲେରିଆ ନିରାକରଣ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ୍, ରାଜ୍ୟ ପ୍ରଶିକ୍ଷଣ ପରାମର୍ଶଦାତା ଡା. ଅନୁପ କୁମାର ମିଶ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ ପ୍ରମୁଖ ଉପସ୍ଥିତଥିଲେ। କାର୍ଯ୍ୟାଳୟ ପରିସରରେ ଉପସ୍ଥିତ କର୍ମଚାରୀ, ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ବଟିକା ସେବନ କରିଥିଲେ।



ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ବଟିକା ଖାଇ ସାମୂହିକ ଔଷଧ ସେବନର ଶୁଭାରମ୍ଭ କରୁଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଛେଣ୍ଡିପଦା, ୧୦।୨(ସ୍ୱ.ପ୍ର.)**

ଅନୁଗୋଳ-ସମ୍ବଲପୁର ୬୩ ନଂ. ଜାତୀୟ ରାଜପଥର ଜରପଡ଼ା ଥାନା ମରାଚିରା ନିକଟରେ ବୁଧବାର ଜଣେ ମୋଟର ସାଇକେଲ ଆରୋହୀଙ୍କୁ କୌଣସି ଏକ ଗାଡ଼ି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମରାଚିରାର ଦୁଃଶାସନ ନାଏକ (୩୨)। ଦୁଃଶାସନ ଅପରାହ୍ନରେ ଜରୁରି କାମରେ ଅନୁଗୋଳ ଯାଉଥିବା ବେଳେ ଏକ ଗାଡି ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜରପଡା ପୋଲିସ ପ୍ରକାଶ କରିଛି ।

## ୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୦।୨**

ଅନୁଗୋଳ ଜିଲାରୁ ବୁଧବାର ୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୩୦୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୪ଜଣ ଥିବାବେଳେ ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୩ ଜଣ କରୋନାରୁ ସୁସ୍ଥ ହୋଇଥିବା ଜଣାପଡ଼ିଛି।

# ୩୩୦ଜଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ




ସ୍ୱାସ୍ଥ୍ୟ ଶିବିରରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୧୦।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' ଏବଂ ନବଭାରତ ଭେଞ୍ଚର୍ସ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଧୀର ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୩୦ଜଣଙ୍କ ରକ୍ତ ଶର୍କରା, ରକ୍ତଚାପ, ହିମୋଗ୍ଲୋବିନ, ବ୍ଲଡ ଗ୍ରୁପିଂ, ମ୍ୟାଲେରିଆ ଯାଞ୍ଚ କରାଯାଇଥିଲା। ୧୧୨ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ଡା. ଅନନ୍ତ ରାଉଳ, ଡା. ଭୋଳେଶ୍ୱର ନାୟକ, ଡା. ପ୍ରମିଳ ପ୍ରଧାନ, ଡ. ପ୍ରବୀର କୁମାର ସାମଲ, ଡା. ଦେବୀ ପ୍ରସାଦ ସେଠୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ପ୍ରଫୁଲ୍ଲ କୁମାର ଶତପଥୀ, ଦୁଷ୍ମନ୍ତ କୁମାର ନାୟକ ଏଥିରେ ସହାୟତା କରିଥିଲେ।

ମୁଖ୍ୟବକ୍ତା ଭାବେ ନବଭାରତ ଭେଞ୍ଚର୍ସ ଲିମିଟେଡର ଉପସଭାପତି ଯଶୋବନ୍ତ ପଟ୍ଟନାୟକ, ସମ୍ମାନିତ ଅତିଥି ମାନବ ସମ୍ବଳ ଅଧିକାରୀ ଜେ.କେ. ପ୍ରଧାନ, ବିଦ୍ୟୁତ୍ ରଞ୍ଜନ ରଥ, ମୁଖ୍ୟ ସାମାଜିକ ଦାୟିତ୍ୱବୋଧ ଅଧିକାରୀ ସୁକାନ୍ତ ଉପାଧ୍ୟାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ସରପଞ୍ଚ ନରୋତ୍ତମ ରାଉତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। 'ଶୋଭା'ର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ମ୍ୟାଜିକ୍‌ସିଆନ ବିମଳ କୁମାର କରୋନା, ପରିମଳ, ସ୍ୱାସ୍ଥ୍ୟ, ନାରୀ ଏବଂ ଶିଶୁ ସୁରକ୍ଷାକୁ ନେଇ ସଚେତନତାଭିତ୍ତିକ ମ୍ୟାଜିକ୍ ଶୋ' ପ୍ରଦର୍ଶନ କରିଥିଲେ।

# ବାବି ମିଶ୍ରଙ୍କ ବିୟୋଗ

**ଢେଙ୍କାନାଳ ଅଫିସ, ୧୦।୨**



ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର

ଢେଙ୍କାନାଳ ଜିଲାର ବିଜେଡି ନେତା ସିଦ୍ଧେଶ୍ୱରୀ ପ୍ରସାଦ ମିଶ୍ର (ବାବି)ଙ୍କ ବୁଧବାର ଅପରାହ୍ନ ୩ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୫୦ବର୍ଷ ହୋଇଥିଲା। ବାବି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ବିଧାୟକ ସୁଧୀର କୁମାର ସାମଲ ଚିକିତ୍ସାଳୟରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅନ୍ତିମ ଦର୍ଶନ କରିଥିଲେ। ମୃତଦେହକୁ ଢେଙ୍କାନାଳ ଭାଗୀରଥି ବିହାରସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ନେତା ପହଞ୍ଚି ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସିଦ୍ଧେଶ୍ୱରୀଙ୍କ ପରଲୋକରେ ଏମ୍‌ପି ମହେଶ ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବସ୍‌ଷ୍ଟାଣ୍ଡର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା।

ଛାତ୍ର ଜୀବନରୁ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ ବାବି। ୧୯୯୦ରେ ଯୋରନ୍ଦା ମହିମା ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହେବା ପରେ ସେ ଆଉ ପଛକୁ ଫେରି ନ ଥିଲେ। ରାଜ୍ୟ ଛାତ୍ର ଏବଂ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଦାୟିତ୍ୱ ସମ୍ଭାଳିଥିଲେ। ୨୦୦୦ରେ ଗଁଦିଆ ଏବଂ ୨୦୧୪ରେ ଢେଙ୍କାନାଳ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହାପରେ କଂଗ୍ରେସଠାରୁ ସମ୍ପର୍କ ଛିଣ୍ଡାଇ ବିଜେଡିରେ ଯୋଗଦେଇ ରାଜନୀତିରେ ସକ୍ରିୟ ଥିଲେ। 'ଭାରତ ବାର୍ତ୍ତା' ନାମକ ଏକ ପାକ୍ଷିକ ଖବରକାଗଜ ପ୍ରକାଶନ କରିବା ସହ ଏହାର ସମ୍ପାଦନା ଦାୟିତ୍ୱ ମଧ୍ୟ ନେଇଥିଲେ। ଜଣେ ସଙ୍ଗଠନ, କ୍ରିକେଟ ଖେଳାଳି ଭାବେ ସିଦ୍ଧେଶ୍ୱରୀଙ୍କ ପରିଚୟ ରହିଥିଲା। ତାଙ୍କ ପରଲୋକରେ ସହରରେ ଶୋକର ଛାୟା ଖେଳିଯାଇଛି।

# ଆତ୍ମନିର୍ଭର ହେବେ ଭିଏସ୍ଏସ୍

**କାମାକ୍ଷାନଗର, ୧୦।୨(ଡି.ଏନ.ଏ.)**




କର୍ମଶାଳାରେ ଅତିଥିମାନେ।

- ସ୍ୱାବଲମ୍ବୀ କରିବାକୁ ସମନ୍ୱୟ ବୈଠକ
- ପ୍ରାଣୀପାଳନ, ଉଦ୍ୟାନ କୃଷିକୁ ଗୁରୁତ୍ୱ
- ଆଲୋଚନା କଲେ ୫୨ ଭିଏସ୍ଏସ୍ ସଦସ୍ୟ

ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ଏବଂ ପଶ୍ଚିମାଞ୍ଚଳର ରେଞ୍ଜ ଅନ୍ତର୍ଗତ ୫୨ଟି ବନ ସୁରକ୍ଷା ସମିତି (ଭିଏସ୍ଏସ୍)ର ସଦସ୍ୟଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ଆରମ୍ଭ ହୋଇଛି ଉଦ୍ୟମ। ଜଙ୍ଗଲ ସୁରକ୍ଷାରେ ନିୟୋଜିତ ଏହି ଭିଏସ୍ଏସ୍‌ର କର୍ମକମାନେ ଏଣିକି ପ୍ରାଣୀପାଳନ, ଜଙ୍ଗଲ ଜଳବାୟୁ ଉପଯୋଗୀ ଉଦ୍ୟାନ କୃଷି, ଫୁଲ ଚାଷ କରିବେ। ସମ୍ପୃକ୍ତ ବିଭାଗଗୁଡ଼ିକ ଏଥିଲାଗି ଆବଶ୍ୟକ ପ୍ରୋତ୍ସାହନ, ବୈଷୟିକ ଜ୍ଞାନକୌଶଳ ଏବଂ ଆନୁଷଙ୍ଗିକ ସହାୟତା ଯୋଗାଇ ଦେବେ। ଏହାଦ୍ୱାରା ଜଙ୍ଗଲ ସମ୍ପଦର ସୁରକ୍ଷା ହେବା ସହ ଏଥିରେ ନିୟୋଜିତ ପରିବାରର ଆର୍ଥିକ ସ୍ଥିତି ମଜଭୁତ୍ ହେବ ବୋଲି ଆଶା ପ୍ରକାଶ ପାଇଛି।

କାମାକ୍ଷାନଗର ଫରେଷ୍ଟ ଗେଷ୍ଟହାଉସ୍ ପରିସରରେ ବୁଧବାର ଏ ସଂକ୍ରାନ୍ତରେ ଆଲୋଚନା ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, ମୁଖ୍ୟବକ୍ତା ବିଡିଓ ବିକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଏସିଏଫ୍ ସୁବ୍ରତ ପାତ୍ର ମଞ୍ଚାସୀନ ଥିଲେ। ଖୁବ୍‌ଶୀଘ୍ର ଭିଏସ୍ଏସ୍ ସଦସ୍ୟଙ୍କୁ କୁକୁଡ଼ା ଚାଷ, ମାଛ ଚାଷ, ଛେଳି ଚାଷ, ଗୋପାଳନ, ଫୁଲଚାଷ, କନ୍ଦମୂଳ ଚାଷ, ମହୁ ଚାଷ, ମତ୍ସ୍ୟ ଚାଷ, ସୁଇଟ୍ କର୍ନ ଉତ୍ପାଦନ ନେଇ ପ୍ରଶିକ୍ଷଣ ଦିଆଯିବ। ଏଥିଲାଗି ବ୍ୟାଙ୍କ ଋଣ ମିଳୁଛି। ସରକାର ସବ୍‌ସିଡି ମଧ୍ୟ ଯୋଗାଇ ଦେଉଛନ୍ତି। ଏହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

କାମାକ୍ଷାନଗର ବ୍ଲକ ପ୍ରାଣୀଧନ ଅଧିକାରୀ ବିଶ୍ୱନାଥ ମିଶ୍ର, ପ୍ରଗତି ସହାୟକ ଶତ୍ରୁଘ୍ନ ଦଣ୍ଡପାଟ, ମତ୍ସ୍ୟ ଅଧିକାରୀ ଶେଷଦେବ ଦଣ୍ଡପାଟ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀ ଜେନା, କଙ୍କଡ଼ାହାଡ଼ ବ୍ଲକ ପ୍ରାଣୀଧନ ଅଧିକାରୀ ସତ୍ୟବିକ୍ରମ ତରାଇ, ସୌମ୍ୟରଞ୍ଜନ ମିଶ୍ର, ସହକାରୀ କୃଷି ଅଧିକାରୀ ସନ୍ତୋଷ ତରାଇ, ଓଡ଼ିଶା ଜୀବିକା ମିଶନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମାନସ ରଞ୍ଜନ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

